## <u>୨୨ ତାରିଖରୁ ମାଟ୍ରିକ ସପ୍ଲିମେଂଟାରୀ</u>

ଯାଜପୁର ୨୧.୬ ଯାଜପୁର ଜିଲାରେ ମାଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଚଳିତ ମାସ ୨୨ତାରିଖ ଠାରୁ ଆରମ୍ଭ ହୋଇ ୨୯ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଜିଲାର ୪ଗୋଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୧୧୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଜିଲାସ୍କୁଲ କେନ୍ଦ୍ରରେ ୩୧୪, ଯାଜପୁର ସରକାରୀ ବାଳିକା ଉଚ ବିଦ୍ୟାଳୟରେ ୩୦୩, ପାଣିକୋଇଲି ହାଇସ୍କୁଲ କେନ୍ଦ୍ରରେ ୨୮୩ ଓ କ୍ଷେତ୍ରପାଳ ହାଇସ୍କୁଲ କୋଳଥଳ ପରୀକ୍ଷା କେନ୍ଦ୍ରରେ ୨୭୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ପରୀକ୍ଷାକୁ ସୁନିୟନ୍ତ୍ରିତ କରିବା ପାଇଁ ୪ଜଣ ମାଜିଷ୍ଟ୍ରେଟଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ପରୀକ୍ଷା ନିୟନ୍ତ୍ରଣ ପାଇଁ ଗୋଟିଏ ସ୍କ୍ୱାର୍ଡ଼ ଗଠନ କରାଯାଇଛି ବୋଲି ଜିଲା ଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ ।

ଜ୍ଞାପକ ସଂଖ୍ୟା    ୪୬୫  ତା  ୨୧।୬।୧୮ ରିଖ

ଏହାର ଏକକିତା ନକଲ ଯାଜପୁରର ସମସ୍ତ ଗଣମାଧ୍ୟମ ପ୍ରତିନିଧି/ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଯାଜପୁର/ଉପ-ନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର/ଆକାଶବାଣୀ, କଟକଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,

ଯାଜପୁର ।

<u>ପୂର୍ବତନ ବିଧାୟକଙ୍କ ମୃତ୍ୟୁରେ ଶୋକ</u>

ଯାଜପୁର, ତା ୧୩।୬          ଯାଜପୁରର ପୂର୍ବତନ ବିଧାୟକ ସୂର୍ଯ୍ୟମଣି ଯେନାଙ୍କ ବିୟୋଗରେ ଜିଲ୍ଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ରଂଜନ କୁମାର ଦାସ ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ୱର୍ଗତ ଯେନାଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଅର୍ପଣ କରିଛନ୍ତି ।

ଜ୍ଞାପକ ସଂଖ୍ୟା     ୪୪୬  ତା  ୧୩।୬।୧୮ ରିଖ

ଏହାର ଏକକିତା ନକଲ ଯାଜପୁରର ସମସ୍ତ ଗଣମାଧ୍ୟମ ପ୍ରତିନିଧି/ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଯାଜପୁର/ଉପ-ନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର/ଆକାଶବାଣୀ, କଟକଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,

ଯାଜପୁର ।